# ପିଲାମାନଙ୍କ ପାଇଁ ବାଇବଲ
## ଉପହାର

# ଉତ୍ତମ ଶମିରୋଣୀୟ



ଲେଖକ: Edward Hughes

ଦୃଷ୍ଟାନ୍ତ: M. Maillot; Lazarus

ଉପଯୋଜକ: Ruth Klassen; Sarah S.

Alastair Paterson

ଅନୁବାଦକ: Prasanta Bhuyan

ପ୍ରୟୋଯୋକ: Bible for Children
www.M1914.org

©2020 Bible for Children, Inc.
ଅନୁମତି ପତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,· ଯେଉଁ ପର୍ଯନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।



ଗୁରୁ ଅନନ୍ତ ଜୀବନ ଲାଭ
କରିବାକୁ ମତେ କଅଣ କରିବାକୁ
ହେବ, ଏହି ପ୍ରଶ୍ନ କରିବା ଲୋକ ଏକ
ବ୍ୟବସ୍ଥାଶାସ୍ତ୍ରଜ୍ଞ ଥିଲେ,
ସେ ଯୀଶୁଙ୍କୁ
ପରିକ୍ଷା କରିବାକୁ ଚାହୁଁଥିଲେ ।



ସେଥିରେ ଯୀଶୁ ତାହାଙ୍କୁ କହଲେ,

ବ୍ୟବସ୍ଥାରେ କଅଣ ଲେଖାଅଛି?।

ଇଶ୍ୱରଙ୍କୁ ପ୍ରେମ କର ଓ ପ୍ରତବାସୀକି

ଆତ୍ମତୁଲ୍ୟ ପ୍ରେମକର,

ସେ ଉତ୍ତର

ଦେଲେ । କିନ୍ତୁ ମୋର

ପ୍ରତିବାସୀ କିଏ? ସେ ପଚ଼ାରିଲା



ସେହି ଲୋକଙ୍କ ପ୍ରଶ୍ନର ଉତ୍ତର ଦେବାକୁ, ଯୀଶୁ ଏକ କାହାଣି କହିଲେ ।

ଜଣେ ଲୋକ ଯିରୁଶାଲମରୁ
ଯିରିହୋକୁ ଯାଉଥିଲେ ।
ସେହିଲୋକ ଡକାୟତ
ମାନଙ୍କ
ହାବୁଡ଼ରେ
ପଡ଼ିଲା ।


ଡକାୟତମାନେ ତାଙ୍କର ଯାହା ପାଇଲେ ସବୁକିଛି ଛଡ଼ାଇନେଲେ,
ଏପରିକି ସେମାନେ ତାହାର ଲୁଗାପଟା ମଧ୍ୟ ନେଇଗଲେ ।
ସେମାନେ ତାଙ୍କୁ ବହୁତ ମାଡ଼ ମଧ୍ୟ
ମାରିଲେ ଓ ରାସ୍ତା କଡ଼ରେ
ଦରମରା ଅବସ୍ଥାରେ ଛାଡ଼ି ଢ଼ାଲିଗଲେ ।


ଘଟନାକ୍ରମେ ଜଣେ ଯାଜକ ସେହି ବାଟଦେଇ
ଯାଉଥିଲେ, ନିଶ୍ଚିତଭାବରେ ସେ ସେହି
ଦରମରା ଲୋକଙ୍କୁ
ସାହାଯ୍ୟ କରିବେ ।

ନୁହେଁ ଯେତେବେଳେ ସେ ସେହି କ୍ଷତବିକ୍ଷତ

ଲୋକର ରକ୍ତ ବୋହିବା ଦେଖିଲେ,

ସେ ବାଟର



ଆରପାଖ ଦେଇ ଚ଼ାଲିଗଲେ ।


ସେହିପ୍ରକାରେ, ଜଣେ ଲେବୀୟ ମଧ୍ୟ ସେ ସ୍ଥାନକୁ ଆସିଲେ, ଯେ କି
ଯାଜକଙ୍କୁ ମନ୍ଦିରରେ ସାହାଯ୍ୟ କରନ୍ତି । ସେ ଯାଇ ସେହି
କ୍ଷତବିକ୍ଷତ ଲୋକଙ୍କୁ ଦେଖିଲେ ଓ ତାଙ୍କୁ
ସାହାଯ୍ୟ ନକରି ଅନ୍ୟ
ରାସ୍ତାଦେଇ
ଚାଲିଗଲେ ।


ପରିଶେଷରେ ଏକ ଶମିରୋଣୀୟ ଲୋକ ମଧ୍ୟ ସେହି ରାସ୍ତାଦେଇ
ଯାତ୍ରା କରୁଥିଲେ । ଯିହୁଦୀ ଲୋକମାନେ ଶମିରୋଣୀୟ
ଲୋକମାନଙ୍କୁ ଘୃଣା କରୁଥିଲେ । ଯେଉଁ
ଲୋକମାନେ ଯୀଶୁଙ୍କ ବାକ୍ୟ ଶୁଣୁଥିଲେ କେବେହେଲେ ମଧ୍ୟ ...



... ଏକ ଶମିରୋଣୀୟ ଲୋକ ସାହାଯ୍ୟକାରୀ ହୁଅନ୍ତୁ, ଚ଼ାହିଁବେ
ନାହିଁ ଯେ କିନ୍ତୁ ସେ ହିଁ ହେଲେ। ଶମିରୋଣୀୟ ଲୋକ
ସେହି ଲୋକର ଯତ୍ନ ନେଲେ, ସେ
ତାଙ୍କୁ ସାହାଯ୍ୟ କରିବା ନିମନ୍ତେ ଅଟକିଗଲେ।

ଶମିରୋଣୀୟ ଲୋକ ସେହି ଅଜଣା
ଲୋକଙ୍କ ପାଖକୁ ଯାଇ ତାହାର
କ୍ଷତରେ ଔଷଧ ଲଗାଇ
ବାନ୍ଧିଦେଲେ, ଆଉ ତାହାକୁ
ଆପଣା ଗଧ ଉପରେ ବସାଇଲେ ।



ରାସ୍ତାକଡ଼ରେ ଥିବା ଏକ ପାନ୍ଥଶାଳାରେ
ସାରାରାତ୍ରୀ ଶମିରୋଣୀୟ
ଲୋକ ସେହି ଲୋକର
ସେବା କଲେ,



ସକାଳ ସମୟରେ ସେ ପାନ୍ଥଶାଳାର କର୍ତ୍ତାଙ୍କୁ ଟଙ୍କା ଦେଲେ ଓ ସେହି ପଥିକକୁ ଭଲହେବା ଯାଏଁ ସେବା କରିବାକୁ କହିଲେ ।



କାହାଣିର ପରିସମାପ୍ତି ହେଲା । ଯୀଶୁ ପଚାରିଲେ,
କ୍ଷତବିକ୍ଷତ ଥିବା ଲୋକର ପ୍ରତିବାସି କିଏ ଥିଲା?





ସେହି ବ୍ୟବସ୍ଥାଶାସ୍ତ୍ରଜ୍ଞ କହିଲେ,
ଶମିରୋଣୀୟ ଲୋକ ତାହାର
ପ୍ରତିବାସି ଥିଲା ଯେ କି ତାଙ୍କୁ
ଦୟା ଦେଖଇଲା ।



ଯୀଶୁ କହିଲେ, ଯାଅ ତୁମ୍ଭେ ମଧ୍ୟ ସେହିପରି କର । ପ୍ରତିବାସି ସେ
ଯାହାର ଆବଶ୍ୟକତା ଥାଏ ।
ଯେଉଁମାନେ ଆବଶ୍ୟକତାରେ
ଅଛନ୍ତି ସେମାନଙ୍କୁ
ସେମାନଙ୍କ ଆବଶ୍ୟକତା
ଅନୁସାରେ ସାହାଯ୍ୟ
କରିବା ଦ୍ୱାରା ତାଙ୍କୁ
ପ୍ରେମ ଦେଖାଇ ପାରିବା । ତାହା
ପରମେଶ୍ୱର ଇଚ୍ଛା କରନ୍ତି ।

# ଉତ୍ତମ ଶମିରୋଣୀୟ

## ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ

## ରୁ ଅନୁସନ୍ଧାନ କରାଯାଇଅଛି

## ଲୂକ ୧୦

"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"
ଗୀତସଂହିତା ୧୧୯ : ୧୩୦

ସମାପ୍ତି

ଏହି ବାଇବଲ୍ କହାଣି ଈଶ୍ୱରଙ୍କ ବିଷୟରେ
ଆମ୍ଭମାନଙ୍କୁ କହେ, ଯିଏ କି ଆମ୍ଭମାନଙ୍କୁ ସୃଷ୍ଟି କରିଅଛନ୍ତି
ଏବଂ ସେହି ଈଶ୍ୱର ଚାହାଁନ୍ତି ତୁମ୍ଭେ ତାହାଙ୍କୁ ଜାଣ ।

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଈଶ୍ୱର ଜାଣନ୍ତି, ଯାହାକୁ
ଈଶ୍ୱର କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ,
କିନ୍ତୁ ଈଶ୍ୱର ତୁମ୍ଭକୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ
ପୁତ୍ରଙ୍କୁ ଜଗତକୁ ପଠାଇଲେ ଆମ୍ଭମାନଙ୍କର ପାପ ସକାଶୁ ସେ
କ୍ରୃଶ ଉପରେ ମୃତ୍ୟୁବରଣ କଲେ । ପୁନର୍ବାର ଯୀଶୁଖ୍ରୀଷ୍ଟ
ଜୀବନକୁ ଫେରିଲେ, ଆଉ ସେ ସର୍ଗ ଗୃହକୁ ଗମନ କଲେ ।
ଯଦି ତୁମେ ଯୀଶୁଖ୍ରୀଷ୍ଟଙ୍କଠାରେ ବିଶ୍ୱାସ କର ଆଉ ନିଜର ପାପ
କ୍ଷମା ନିମନ୍ତେ ତାଙ୍କୁ ପଚାର, ଆଉ ସେ ନିଶ୍ଚୟ କ୍ଷମା କରିବେ ।
ବର୍ତ୍ତମାନ୍ ସେ ଆସିବେ ଏବଂ ତୁମ୍ଭଠାରେ ବାସ କରିବେ ଆଉ
ତୁମ୍ଭ ମଧ୍ୟ ତାଙ୍କଠାରେ ଚିର କାଳ ପର୍ଯନ୍ତ ବାସ କରିବ ।

ଯଦି ତୁମ୍ଭେ ଏହା ହିଁ ସତ୍ୟବୋଲି ବିଶ୍ୱାସ କର,
ତହିଁରେ ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଯୀଶୁଖ୍ରୀଷ୍ଟ ମୁଁ ବିଶ୍ୱାସ କରେ କି ତୁମ୍ଭେ ହିଁ ଇଶ୍ୱର
ଏବଂ ତୁମ୍ଭେ ମନୁଷ୍ୟ ରୁପ ଧାରଣ କରି, ମୋ କରିପାରିବି
ନିମନ୍ତେ ମୃତ୍ୟୁବରଣ କଲ, ବର୍ତ୍ତମାନ୍ ଜୀବିତ ଅଛନ୍ତି ।
ମୁଁ ମଧ୍ୟ ନୂତନ ଜୀବନ ଧାରଣ କରିପାରିବ, ଆଉ ସେହି
ଦିନ ଠାରୁ ତୁମ୍ଭ ସହିତ ଚିରକାଳ ରହିବି । ତୁମ୍ଭରି
ଆଜ୍ଞାକାରି ସନ୍ତାନ ଓ ତୁମ୍ଭ ନିମନ୍ତେ ବଞ୍ଚିବାକୁ
ସାହାଯ୍ୟ କରନ୍ତୁ । ଆମେନ୍ ।

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ
ଇଶ୍ୱରଙ୍କ ସହିତ କଥୋପକଥନ ହୁଅନ୍ତୁ ।
ଯୋହନ ୩:୧୬